# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

### 3 March - 2026

# ଶ୍ରୀମନ୍ଦିର ରତ୍ନଭଣ୍ଡାର ଗଣତି

ଚଳିତମାସ ୨୫ ତାରିଖ ଦିନ ପୁରୀ ଶ୍ରୀମନ୍ଦିର ରତ୍ନଭଣ୍ଡାର ଅଳଙ୍କାରର ଗଣତିମଣତି ହେବ । ଗତକାଲି ଅନୁଷ୍ଠିତ ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକର ନିଷ୍ପତ୍ତି ଅନୁଯାୟୀ ମାର୍ଚ୍ଚ ୨୫ ତାରିଖ ଚୈତ୍ର ଶୁକ୍ଳ ସପ୍ତମୀ ତିଥିରେ ଅପରାହ୍ଣ ୧୨ଟା ୧୨ରୁ ଗୋଟାଏ ୪୫ ମିନିଟ୍ ମଧ୍ୟରେ ଗଣତିମଣତି ହେବା ନେଇ ମାହେନ୍ଦ୍ର ବେଳା ସ୍ଥିରିକୃତ ହୋଇଥିବା ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ କହିଛନ୍ତି...

**V/O**

# ଉତ୍କର୍ଷ ପୁରସ୍କାର

ରାଜ୍ୟ ସରକାରଙ୍କ ଆମ ସାଥୀ ୟୁନିଫାଏଡ ହ୍ୱାଟ୍ସଆପ୍ ବଟ୍, ଟେକ୍ନୋଲୋଜି ସଭା ଉତ୍କର୍ଷ ପୁରସ୍କାର ଲାଭ କରିଛି । ଜନସେବା ପ୍ରଦାନ କ୍ଷେତ୍ରରେ ଆମ ସାଥୀ ହ୍ୱାଟ୍ସଆପ୍ ବଟ୍‌ର ଶ୍ରେଷ୍ଠତାକୁ ଏକ ଘରୋଇ ଗଣମାଧ୍ୟମ ସଂସ୍ଥା ସମ୍ମାନିତ କରିଛି । ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନ ଓ ଅଭିଯୋଗ ବିଭାଗ ଅଧୀନରେ ଥିବା ସିଏମ୍‌ଜିଆଇ ବିଭାଗର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ସୁରେନ୍ଦ୍ର କୁମାର ମୀନା ଏହି ପୁରସ୍କାର ଗ୍ରହଣ

କରିଛନ୍ତି । ସୂଚନାଯୋଗ୍ୟ ଏହି ହ୍ୱାଟ୍ସଆପ୍ ବଟ୍ ଜରିଆରେ ନାଗରିକମାନେ ବିଭିନ୍ନ ସରକାରୀ ସେବା ଓ ସୂଚନା ପାଇପାରୁଛନ୍ତି ।

## ଅଭିଯୋଗ ଶୁଣାଣି

ମହିଳାଙ୍କ ଅଧିକାର, କଲ୍ୟାଣ ଏବଂ ଅନ୍ୟାନ୍ୟ ସମସ୍ୟା ସହ ଜଡିତ ଅଭିଯୋଗର ଶୁଣାଣି ପାଇଁ ଆସନ୍ତା ୬ ତାରିଖ ପୂର୍ବାହ୍ନ ୧୦ଟାରେ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଜାତୀୟ ମହିଳା ଆୟୋଗ ଏବଂ ରାଜ୍ୟ ମହିଳା ଆୟୋଗର ମିଳିତ ସହଯୋଗରେ ଭୁବନେଶ୍ୱର ଲକ୍ଷ୍ମୀସାଗରସ୍ଥିତ ରାଜ୍ୟ ମହିଳା ଓ ଶିଶୁ ପ୍ରତିଷ୍ଠାନ ସଭାଗୃହରେ ହେବାକୁଥିବା ଜନଶୁଣାଣିରେ ଅଭିଯୋଗ ଗୁଡ଼ିକର ସମାଧାନ ଚାହୁଁଥିବା ଅଭିଯୋଗକାରୀ ମହିଳା ଓ ଅନ୍ୟପକ୍ଷମାନେ ଉପସ୍ଥିତ ରହି ନିଜ ପକ୍ଷ ଉପସ୍ଥାପନ କରିପାରିବେ। ଏହାର ସୁଯୋଗ ନେବାକୁ ଆୟୋଗଙ୍କ ପକ୍ଷରୁ ଅନୁରୋଧ କରାଯାଇଛି ।

## ଦୋଳ ଓ ହୋଲି ଶୁଭେଚ୍ଛା

ପବିତ୍ର ଦୋଳପୂର୍ଣ୍ଣିମା ଓ ହୋଲି ଅବସରରେ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସେ କହିଛନ୍ତି ରଙ୍ଗର ପର୍ବ ହୋଲି ସମସ୍ତଙ୍କ ଜୀବନରେ ସୁଖ, ଶାନ୍ତି ଓ ଆନନ୍ଦ ଭରିଦେଉ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ହୋଲି ପର୍ବ ଅବସରରେ ସମସ୍ତଙ୍କ

ମଧ୍ୟରେ ଭାଇଚାରା ଓ ସାମାଜିକ ସଦ୍‌ଭାବନା ଦୃଢ଼ ହେଉ ବୋଲି ଆହ୍ୱାନ ଦେଇଛନ୍ତି ।

## ଚନ୍ଦ୍ରଗ୍ରହଣ

ଆଜି ସମ୍ପୂର୍ଣ୍ଣ କେତୁଗ୍ରସ୍ତ ଚନ୍ଦ୍ରଗ୍ରହଣ ଅନୁଷ୍ଠିତ ହେଉଛି । ଦିନ ୩ଟା ୨୦ରେ ଚନ୍ଦ୍ରଗ୍ରହଣ ଆରମ୍ଭ ହୋଇ ସଂଧ୍ୟା ୬ଟା ୪୭ରେ ଶେଷ ହେବ । ସମୁଦାୟ ଚନ୍ଦ୍ରଗ୍ରହଣ ସମୟ ୩ଘଣ୍ଟା ୨୭ମିନିଟ୍ ଓ ପୂର୍ଣ୍ଣଗ୍ରାସ ସମୟ ଅଣଷଠୀ ମିନିଟ୍ ରହିବ ବୋଲି ଜଣାପଡିଛି  । ତେଣୁ ଆଜି ସୂର୍ଯ୍ୟୋଦୟରୁ ପାକତ୍ୟାଗ ଆରମ୍ଭ ହୋଇଛି । ଏହି ପୂର୍ଣ୍ଣ ଚନ୍ଦ୍ରଗହଣ ଓଡ଼ିଶା ସମେତ ୬ଟି ରାଜ୍ୟର କେତେକ ଅଞ୍ଚଳରେ ସ୍ୱଷ୍ଟଭାବେ ଦୃଶ୍ୟମାନ ହେବ ବୋଲି ଜଣାପଡିଛି ।

## ଦୋଳପୂର୍ଣ୍ଣିମା-ଶ୍ରୀମନ୍ଦିର

ପବିତ୍ର ଦୋଳପୂର୍ଣ୍ଣିମା ଅବସରରେ ଆଜି ପୁରୀ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ରାଜାଧିରାଜ ବେଶ ଅନୁଷ୍ଠିତ ହେବ । ତେବେ କେତୁ ଗ୍ରସ୍ତ ଚନ୍ଦ୍ରଗ୍ରହଣ ପଡୁଥିବାରୁ ଶ୍ରୀମନ୍ଦିରରେ ଆଜି ବିଶେଷ ନୀତି ଅନୁଷ୍ଠିତ ହେବ । ଚନ୍ଦ୍ରଗ୍ରହଣକୁ ଦୃଷ୍ଟିରେ ରଖି ଗତ ରାତି ୧୦ଟା ୫୫ରେ ପହୁଡ ନୀତି ସମ୍ପାଦନ କରାଯାଇଥିଲା । ଆଜି ସକାଳେ ମହାପ୍ରଭୁଙ୍କ ମଙ୍ଗଳ ଆଳତୀ, ଅବକାଶ ପୂଜା ଓ ମେକାପ ସର୍ବାଙ୍ଗ ନୀତି ଶେଷ କରାଯାଇ ବେଶ କରାଯାଇଛି ।

# ଚନ୍ଦ୍ରଗ୍ରହଣ–ଆଖଣ୍ଡଳମଣୀ ମନ୍ଦିର

ଚନ୍ଦ୍ରଗ୍ରହଣ ଯୋଗୁଁ ଆଜି ଭଦ୍ରକ ଜିଲ୍ଲା ଆରଡିର ବାବା ଆଖଣ୍ଡଳମଣୀଙ୍କ ମନ୍ଦିରରେ ସ୍ୱତନ୍ତ୍ର ନୀତିକାନ୍ତି ଅନୁଷ୍ଠିତ ହେଉଛି । ପାକତ୍ୟାଗ ଠାରୁ ସର୍ବମୋକ୍ଷ ପର୍ଯ୍ୟନ୍ତ ପୂଜାର୍ଚ୍ଚନା ଓ ଦର୍ଶନ ବନ୍ଦ ରହିବ ବୋଲି ଜଣାପଡିଛି । ଗ୍ରହଣ ମୋକ୍ଷ ପରେ ମଣିବାବାଙ୍କ ମନ୍ଦିର ଖୋଲାଯାଇ ମହାସ୍ନାନ, ବଡସିଂହାର ବେଶ ଓ ଦୋଳ ନୀତି ଅନୁଷ୍ଠିତ ହେବ ।

## ବିଶ୍ୱ ବନ୍ୟପ୍ରାଣୀ ଦିବସ

ବିଶ୍ୱର ଜୈବ ବିବିଧତାରେ ବନ୍ୟପ୍ରାଣୀଙ୍କର ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଓ ସେମାନଙ୍କ ସଂରକ୍ଷଣ ତଥା ସୁରକ୍ଷା ନିମନ୍ତେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆଜ ବିଶ୍ୱବନ୍ୟପ୍ରାଣୀ ଦିବସ  ପାଳନ କରାଯାଉଛି । ଚଳିତ ବର୍ଷ ଏହି ଦିବସର ବାର୍ତ୍ତା ରହିଛି 'ସ୍ୱାସ୍ଥ୍ୟ, ଐତିହ୍ୟ ଓ ଜୀବିକା ସଂରକ୍ଷଣ ପାଇଁ ଔଷଧୀୟ ଏବଂ ସୁଗନ୍ଧିତ ଉଦ୍ଭିଦ' । ୨୦୧୩ ମସିହା ଡିସେମ୍ବର ମାସ ୨୦ ତାରିଖରେ ମିଳିତ ଜାତିସଂଘ ସାଧାରଣ ସଭାରେ ମାର୍ଚ୍ଚ ୩ ତାରିଖକୁ ବିଶ୍ୱବନ୍ୟପ୍ରାଣୀ ଦିବସ ଭାବେ ପାଳନ କରିବାକୁ ଘୋଷଣା କରାଯାଇଥିଲା । ୨୦୧୪ ମସିହାରୁ ଏହି ଦିବସ ପାଳନ କରାଯାଉଛି ।

# ଶିକ୍ଷାନୁଷ୍ଠାନ-ମାର୍ଗଦର୍ଶିକା

ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସମସ୍ତ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟ ପାଇଁ ମାର୍ଗଦର୍ଶିକା ଜାରି କରାଯାଇଛି । ମାର୍ଗଦର୍ଶିକା ଅନୁଯାୟୀ ଉଚ୍ଚ ଶିକ୍ଷାନୁଷ୍ଠାନ ଗୁଡ଼ିକରେ ସକାଳ ସମୟରେ ପରୀକ୍ଷା ଏବଂ ଶିକ୍ଷାଦାନ କରିବା ଲାଗି ନିର୍ଦ୍ଦେଶ ଦିଆଯାଇଛି । ଅପରାହ୍ଣରେ ଖେଳକୁଦ ନକରିବା ପାଇଁ ପରାମର୍ଶ ଦିଆଯାଇଥିବାବେଳେ କ୍ୟାମ୍ପସ ମଧ୍ୟରେ ସମସ୍ତ ସ୍ଥାନରେ ପାନୀୟଜଳ ବ୍ୟବସ୍ଥା ସୁନିଶ୍ଚିତ କରିବାକୁ ପରାମର୍ଶ ଦିଆଯାଇଛି ।

## ଶ୍ରବଣ ଦିବସ

ଶ୍ରୁତି ବାଧିତମାନଙ୍କ ପାଇଁ ଆବଶ୍ୟକୀୟ ଶିକ୍ଷା ଓ ସ୍ୱାସ୍ଥ୍ୟବ୍ୟବସ୍ଥା ଉପଲବ୍ଧ କରାଇବା ସହିତ ଜନସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ପ୍ରତିବର୍ଷ ଆଜିର ଦିନରେ ବିଶ୍ୱ ଶ୍ରବଣ ଶକ୍ତି ଦିବସ ଭାବେ ପାଳନ କରାଯାଉଛି । ବଧିରତାକୁ ରୋକିବା, ଚିକିତ୍ସା ଓ ପ୍ରତିକାର କରିବା ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ । ମିଳିତ ଜାତିସଂଘର ନିଷ୍ପତ୍ତିକ୍ରମେ ପ୍ରତିବର୍ଷ ମାର୍ଚ୍ଚ ମାସ ୩ ତାରିଖକୁ ଏହି ଦିବସ ଭାବେ ପାଳନ କରାଯାଉଛି । ସୂଚନାଯୋଗ୍ୟ, ସମଗ୍ର ବିଶ୍ୱରେ ୭୦ ନିୟୁତରୁ ଅଧିକ ଲୋକ ଆଂଶିକ କିମ୍ବା ସମୁଦାୟ ବଧିରତାରେ ପିଡ଼ିତ ଅଛନ୍ତି । ସେଥିମଧ୍ୟରୁ ୮୦ ପ୍ରତିଶତ ଲୋକ ବିକାଶଶୀଳ ରାଷ୍ଟ୍ରର ହୋଇଥିବା ଏକ ରିପୋର୍ଟରୁ ଜଣାପଡ଼ିଛି ।

# ଏଚ୍‌ପିଭି ଟୀକାକରଣ

ଜିଲ୍ଲାସ୍ତରୀୟ ଜରାୟୁ କର୍କଟର ନିରାକରଣ ନିମନ୍ତେ ଖୋର୍ଦ୍ଧା ଜିଲ୍ଲାରେ ଏଚ୍‌ପିଭି ଟୀକାକରଣ ଆରମ୍ଭ ହୋଇଛି । ସୂଚନା ଅନୁଯାୟୀ ଜିଲ୍ଲାର ସମସ୍ତ ୧୪ବର୍ଷ ବୟସର ୧୪ହଜାର ୭୨୯ଜଣ ବାଳିକାଙ୍କୁ ଆସନ୍ତା ୩ ମାସ ମଧ୍ୟରେ ଟୀକା ଦିଆଯିବ ।  ଜିଲ୍ଲାର ସମସ୍ତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ସମେତ ଗୋଷ୍ଠୀ, କମ୍ୟୁନିଟି ଏବଂ ଉପଖଣ୍ଡସ୍ତରୀୟ ସ୍ୱାସ୍ଥ୍ୟକେନ୍ଦ୍ରରେ ଏହି ଟୀକା ପ୍ରଦାନ କରାଯିବ ।

# ବୈଠକ

ନୟାଗଡ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ତୃତୀୟ ତ୍ରୈମାସିକ ଜିଲ୍ଲାସ୍ତରୀୟ ଯୋଜନା ଓ ନୀରିକ୍ଷଣ ୟୁନିଟ୍ ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ସମ୍ବଳିତ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ତଥ୍ୟ ଉପସ୍ଥାପନ କରାଯାଇଥିଲା ।